ଏହି ପ୍ରଶ୍ନପତ୍ରରେ **13** ଟି ପ୍ରଶ୍ନ ରହିଛି ଏବଂ ଏଥିରେ **8** ପୃଷ୍ଠା ଅଛି ।

**Roll No.**
ରୋଲ୍ ନଂ.

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No. 59/SS/O/OR**
କୋଡ୍ ନମ୍ବର

**SET/ସେଟ୍ A**

# ଓଡ଼ିଆ

# (305)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ____________________

**Signature of Invigilators** 1. ____________________
ନିରୀକ୍ଷକଙ୍କ ସ୍ୱାକ୍ଷର
2. ____________________

ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ୍ ନମ୍ବର **59/SS/O/OR** ସେଟ୍ **A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ଓଡ଼ିଆ

## (305)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

---

ନୋଟ୍ : (i) **ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।**

(ii) **ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।**

---

**1** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟ ସ୍ଥାନ ପୂରଣ କର : **1×3=3**

(କ) ରାୟବାହାଦୁରଙ୍କ ପୁତ୍ରବଧୂ ________ ଏମିତି ଦିନେ କାନ୍ଦିଥିଲା ।

(ରତ୍ନପୂର୍ଣ୍ଣା, ଅପର୍ଣ୍ଣା, ସୁପର୍ଣ୍ଣା)

(ଖ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ ________ ରହିଛି ।

(ମାଂସପେଶୀ, ରକ୍ତ, ହାଡ, ଇଂଜିନ୍)

(ଗ) ଘାଇରେ କାମ କରୁଥିବା କୁଲିଙ୍କର ________ ହେଉଥିଲା ।

(ତ୍ରିନାଥମେଳା, ସୁଭ ଅନୁକୂଳ, ଭୂମିପୂଜା, ବଣଭୋଜୀ)

(ଘ) କାର୍‌ରେ ________ ଦୁଲାଇଲେ ।

(ଅଧକ୍ଷ୍ୟ, ଲେଖକ, ସହକର୍ମୀ ଅଧ୍ୟାପକ, ଡ୍ରାଇଭର)

(ଙ) ________ ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ ଥିଲେ ।

(ଚର୍ଚ୍ଚିଲ, ହାରଲର୍ଡ ଲାସ୍କି, ଡଲଟନ୍, ଅଟଲି)

**2** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ସୁନ୍ୟ ସ୍ଥାନ ପୂରଣ କର : **1×3=3**

(କ) ଶେଫାଳୀ ଫୁଲ ________ ଫୁଟିଥାଏ ।

(ଗଛରେ, ଲତାରେ, ନଈକୂଳରେ)

(ଖ) ________ ଗଲାବେଳେ ମା' ଛାତି ଫଟାଇ କାନ୍ଦେ ।

(ଝିଅ, ବାପା, ମାଆ, ଭାଇ)

(ଗ) ଉତ୍ତମ ଲୋକ ଦେଖି ________ କରିବୁ ।

(ମନ୍ତ୍ରୀ, ସେନାପତି, ରାଜା)

(ଘ) ________ ନଡ଼ିଆ ରସ ଦେବାକୁ କୁହାଯାଇଛି ।

(କୁକୁରକୁ, ପାରାଦୁଇଟିକୁ, ମଣିଷଙ୍କୁ ଓ ବିଲୁଆଙ୍କୁ)

(ଙ) କୁକୁର ଅଇଁଠା ପତରରେ ଧ୍ୟାନ ଦିଏ, କାରଣ ପତରରେ ________ ଥାଏ ।

(ମାଂସ, ବାଲି, କାଠ)

**3** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟ ସ୍ଥାନ ପୂରଣ କର : **3**

(କ) ମୁଁ ଫମ୍ପା ଆରିଷ୍ଟୋକ୍ରାସିକୁ ପସନ୍ଦ କରେନି ବୋଲି ବେବୀକୁ ________ କହିଛି ।

(ନେଲିଅପା, ଜେମା, ଅଞ୍ଚଳ, ନବଘନ)

(ଖ) ଅଭଦ୍ର ରଷ୍ଟିକ ଭଳି କଥାବାର୍ତ୍ତା କରନି, ସିଧା ଡ୍ରେସ ବଦଳାଇ ଡାଇନିଂ ଟେବୁଲ ପାଖକୁ ଅସ ବୋଲି ନବଘନଙ୍କୁ ________ କହିଛି ।

(ନେଲି, ଜେମା, ହେମ, ବେବୀ)

(ଗ) ତୁମେ ଆଉ ମଣିଷ ହେବନି ବୋଲି ନବଘନକୁ ________ କହିଛି ।

(ବେବୀ, ନେଲି, ହେମ, ପ୍ରବୀର)

(ଘ) ________ ର ମନ ଟା ତଟୁଘୋଡ଼ା ।

(ପ୍ରଭାକର, ନଟବର, ଶକୁନ୍ତଳା, ନରହରି)

(ଙ) ________ କୁ ଆଜିକାଲିର କର୍ମଚାରୀ ମାନେ ଏକମାତ୍ର କର୍ତ୍ତବ୍ୟ ରୂପେ ଧରିନେଇଛନ୍ତି ।

(ମିଛ, ଖୋସାମତି, ହୀନ ରାଜନୀତି, ଲାଞ୍ଚ)

4 (କ) ନିମ୍ନଲିଖିତ ଯେ କୌଣସି ଚାରୋଟି ବିପରୀତ ଶବ୍ଦ ଲେଖ : **1×4=4**

ଅବାସ୍ତବ, ପ୍ରଦାନ, ଶିଷ୍ଟ, କିଣା, ସଫଳ, ଅବାଧ୍ୟ, ସୂକ୍ଷ୍ମ ।

(ଖ) ନିମ୍ନଲିଖିତ ଯେ କୌଣସି ଚାରିଟିର ରୂଢ଼ିର ଅର୍ଥ ଲେଖ : **1×4=4**

ଝିମିଟି ଖେଳରୁ ମହାଭାରତ, ଅହି-ନକୁଳ ସଂପର୍କ, ଘରବୁଡ଼ି ପାଣି ଆଣ୍ଠୁଏ, କୁହୁଡ଼ି ପହଁରିବା, ଉଷୁନା ଧାନରୁ ଗଜା, ଅକଲ ସଲାମି, ଚାଲିଲା ଶଗଡ଼ରେ ହାତଦେବା ।

(ଗ) ଯେ କୌଣସି ଚାରିଟିର ଶୁଦ୍ଧ ରୂପ ଲେଖ : **1×4=4**

ପୂଜ୍ୟସ୍ପଦ, ଉତ୍କର୍ଷତା, ପ୍ରତିଯୋଗୀତା, ଏକତ୍ରେ, ଦିବାରାତ୍ରି, ଦିଗାମ୍ବର, ଜେଷ୍ଠ ।

(ଘ) ଯେ କୌଣସି ଚାରୋଟିର ବିଶେଷଣ ପଦ ଲେଖ : **1×4=4**

ପ୍ରଚଳନ, ନିମନ୍ତ୍ରଣ, ମାନବ, ସମୁଦ୍ର, ପରଂପରା, କୂଳ, ବିପ୍ଲବ ।

5 ନିମ୍ନଲିଖିତ ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : **2×4=8**

(କ) ନାରସେନାର ଜାତି ଚାଲିଗଲା କାହିଁକି ?

(ଖ) ସନନ୍ଦ ପତ୍ର ଉପରେ କ'ଣ ମାଡ଼ି ଗଲାଣି ?

(ଗ) ଭାରତ ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?

(ଘ) ସ୍ୱାଧୀନତା ଉତ୍ସବ ଦେଖି ରାୟବାହାଦୁରଙ୍କର ପ୍ରତିକ୍ରିୟା କ'ଣ ହୋଇଥିଲା ?

(ଙ) ଅଧକ୍ଷ୍ୟ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ ?

(ଚ) କେଉଁ ମାନେ କେତେ ରକମର ଖେଳ ଖେଳୁଛନ୍ତି ?

(ଛ) ଗଧ ଖାଟେଣି ଖଟେ, କୁକୁର ପାଦଚାଟେ, ଆଉ ମଣିଷ କ'ଣ କରେ ?

6 ନିମ୍ନଲିଖିତ ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ଇନ୍ଦ୍ର କାହିଁକି ବୃଷ୍ଟିକରେ ଏବଂ ସୃଷ୍ଟି ରକ୍ଷାହୁଏ ?

(ଖ) ତୋଷାମଦକାରୀଙ୍କ ପ୍ରକୃତି କ'ଣ, ସେମାନଙ୍କର କାର୍ଯ୍ୟ କ'ଣ ?

(ଗ) ଜାତିକୁ କାହିଁକି ନନ୍ଦିଘୋଷ ସହିତ ତୁଳନା କରାଯାଇଛି ?

(ଘ) କାହାକୁ ଡ଼ାଆଣିଆ ଖରା କୁହାଯାଏ ?

(ଙ) କବିଙ୍କ ହୃଦୟ କାହିଁକି ଆନ୍ଦୋଳିତ ହୋଇଛି ?

(ଚ) ସଂଧ୍ୟା ସମୟରେ କି ପରିବେଶ ସୃଷ୍ଟିହୋଇଥିଲା ବୋଲି କବି କହିଛନ୍ତି ?

(ଛ) କିଏ, କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

7 ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ସକାଳୁ ସକାଳୁ ନବଘନ କ'ଣ ପିନ୍ଧି ହେମାଙ୍ଗିନୀ ଘରକୁ ଆସିଥିଲେ ?

(ଖ) ମିସେସ ସିହ୍ନା ତାଙ୍କ ପୁଅ ଜନ୍ମଦିନରେ କ'ଣ କରିଥିଲେ ?

(ଗ) ବେବୀର ସକାଳ ଜଳଖିଆର ବ୍ୟବସ୍ଥା କିପରି ହେଲା ?

(ଘ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି ?

(ଙ) ଗାଁରେ ତିଷ୍ଠିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଚ) ଆଜିର ସମୟରେ ଗାଁରେ ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

(ଛ) ସମସ୍ତ ତ ସେହି ଏକା ଲାଉର ମଂଜି, କେଉଁ ମାନେ ?

8 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ଛୋଟ ସାଧାରଣ ଅନୁଭୂତି କିଭଳି ଲେଖକଙ୍କ ଯାଦୁକରୀ ସ୍ପର୍ଶରେ ଅସାଧାରଣ ହୋଇ ପାରିଛି ବର୍ଣ୍ଣନା କର ?

(ଖ) ବାହ୍ୟ ଅବୟବରୁ ପ୍ରକୃତ ମଣିଷ ଚିହ୍ନି ହୁଏନା - ପଠିତ ରମ୍ୟ ରଚନା ଅନୁସରଣରେ ଉତ୍ତର ଦିଅ ।

(ଗ) ନାରସେନା ନାଇଡୁର ଚରିତ୍ର ଚିତ୍ରଣ କର ।

9 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) 'ଶେଫାଳି ପ୍ରତି' କବିତାରୁ କବିଙ୍କର ବିଭୁଭକ୍ତିର ପରିଚୟ ଦିଅ ।

(ଖ) 'ଗ୍ରାମପଥ' କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି ?

(ଗ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ?

10 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ଜଣେ ଅବସର ପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ କବିତା ଅବଲମ୍ବନରେ ଆଲୋଚନା କର ।

(ଖ) 'ସକାଳର ମେଘ' ଏକାଙ୍କିକାରୁ ଏହାର ନାମକରଣର ସାର୍ଥକତା ବିଚାର କର ।

(ଗ) ପ୍ରଭାକରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ।

11 ନିମ୍ନଲିଖିତ ପରିଚ୍ଛେଦଟି ପାଠକରି ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଅ - **2×5+1=11**

ଆମ ଦେଶର ଗାଁ ଗହଳିରେ ଅଧିକାଂଶ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଥାଆନ୍ତି । ସେମାନେ ପ୍ରାଚୀନ କାଳରୁ ଚାଲି ଆସୁଥିବା ପଦ୍ଧତିରେ ଚାଷ କରି ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉ ଅଛନ୍ତି, ଆଜିକାଲି ସରକାରଙ୍କ ପକ୍ଷରୁ କୃଷିର ଉନ୍ନତି ନିମନ୍ତେ ବହୁ ପ୍ରକାରର ଯୋଜନା କାର୍ଯ୍ୟକାରୀ କରା ଗଲେ ହେଁ ତା'ର ପରିଣାମ ଏପର୍ଯ୍ୟନ୍ତ ଅସନ୍ତୋଷ ଜନକ । ଏହାର କାରଣ ହେଉଛି ଇଂରେଜ ସରକାର ଏ ଦେଶରୁ ବିଦାୟ ନେଇଯିବା ପରେ ଦୀର୍ଘକାଳ ବିତି ଯାଇଥିଲେହେଁ କୃଷି ବା ଅନ୍ୟାନ୍ୟ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କେବଳ କାଗଜ ପତ୍ରର ସୀମା ମଧ୍ୟରେ ଆବଦ୍ଧ ରହିଛି । ଆମ ଦେଶରେ ଯେଉଁମାନେ କୃଷି ବିଭାଗରେ ଉଚ୍ଚ ପଦସ୍ଥ କର୍ମଚାରୀ, ସେମାନେ କେବେ ହେଲେ କୃଷିକ୍ଷେତ୍ର ଦେଖନ୍ତି ନାହିଁ ବା କୃଷିକ୍ଷେତ୍ର ବିଷୟରେ ସେମାନଙ୍କର କୌଣସି ପ୍ରତ୍ୟକ୍ଷ୍ୟ ଜ୍ଞାନ ନାହିଁ । ସେମାନେ କେବଳ ଫାଇଲ ଚାଷକରି ସେମାନଙ୍କର ମୋଟା ଦରମା ପାଇ କ୍ଷମତା ପ୍ରଦର୍ଶନ କରନ୍ତି । ବିଦେଶ ତୁଳନାରେ କୃଷି ବିଷୟରେ ଆମେ କେତେ ପଛରେ ପଡିଛୁ ତାହା କୋଣସି ଶିକ୍ଷିତ ବ୍ୟକ୍ତି ଜାଣନ୍ତି ଏହାର କାରଣ ଆମ ଦେଶର ତ୍ରୁଟିପୂର୍ଣ୍ଣ ଶାସନ ପଦ୍ଧତି । ଆମ ଓଡ଼ିଶାର ଜଣେ ଅଧ୍ୟାପକ ଉଚ୍ଚଶିକ୍ଷ୍ୟା ଲାଭ ଉଦ୍ଦେଶ୍ୟରେ ପଶ୍ଚିମ ଜର୍ମାନୀ ଯାତ୍ରା କରିଥିଲେ । ସେ ଯେଉଁ ସହରରେ ରହୁଥିଲେ ତା'ର ଆଖପାଖ ଅଞ୍ଚଳରେ କୃଷିକ୍ଷେତ୍ର ଦେଖିବାକୁ ଯିବା ନିମନ୍ତେ ଆଗ୍ରହୀ ହେଲେ । ସେ ସେଠାକାର କୃଷିବିଭାଗର ନିର୍ଦ୍ଦେଶକଙ୍କୁ ସାକ୍ଷ୍ୟାତ କରିବା ନିମନ୍ତେ ଚେଷ୍ଟାକଲେ । ତିନି ଚାରିଥର କୃଷି ନିର୍ଦ୍ଦେଶାଳୟକୁ ଯାଇ ସେ ନିର୍ଦ୍ଦେଶକଙ୍କ ସାକ୍ଷ୍ୟାତ ପାଇଲେ ନାହିଁ । ଥରେ ନିର୍ଦ୍ଦେଶକଙ୍କ ଗସ୍ତକ୍ରମ ବୁଝି ତାଙ୍କୁ ସାକ୍ଷ୍ୟାତ କରିବା ନିମନ୍ତେ ଗୋଟିଏ ଗ୍ରାମକୁ ଗଲେ । ସେଠାରେ ସେ ଦେଖିଲେ ଯେ ନିର୍ଦ୍ଦେଶକ ଗୋଟିଏ ଟ୍ରାକ୍ଟର ଚଳାଇ ଜମିକୁ କିପରି ସହଜରେ ଓ ଉନ୍ନତ ଭାବରେ ଚାଷ କରାଯାଇ ପାରେ, ତାହା ପ୍ରଦର୍ଶନ କରୁ ଅଛନ୍ତି ।

**ପ୍ରଶ୍ନ :**

(୧) ଆମ ଦେଶର ଚାଷୀମାନେ କାହିଁକି କ୍ଷତିଗ୍ରସ୍ତ ହୁଅନ୍ତି ?

(୨) ସ୍ୱାଧୀନତା ମିଳିବା ପରେ ଆମ ଦେଶର କେଉଁ କଥା କେବଳ କାଗଜ ପତ୍ରର ସୀମା ମଧ୍ୟରେ ଆବଦ୍ଧ ?

(୩) ଆମ ଦେଶର ଉଚ୍ଚ ପଦସ୍ଥ କର୍ମଚାରୀଙ୍କର କେଉଁ ବିଷୟରେ ଜ୍ଞାନ ନାହିଁ ?

(୪) କୃଷି ବିଷୟରେ ଆମ ଦେଶ ପଛରେ ପଡିଥିବା କାରଣ କ'ଣ ?

(୫) ଅଧ୍ୟାପକ ପଶ୍ଚିମ ଜର୍ମାନୀ କାହିଁକି ଯାଇଥିଲେ ଓ ସେ ରହୁଥିବା ସହରର କୃଷି ନିର୍ଦ୍ଦେଶକଙ୍କୁ ଭେଟିବାକୁ ଚାହୁଁଥିଲେ ?

(୬) ପରିଚ୍ଛେଦ ପାଇଁ ଏକ ଉପଯୁକ୍ତ ଶିରୋନାମା ଦିଅ ।

12 ନିମ୍ନଲିଖିତ ଯେ କୌଣସି ଗୋଟିକର ପ୍ରବନ୍ଧ ଲେଖ : 8

(କ) ମହାପୁରୁଷଙ୍କ ଜୀବନୀ ପାଠ

(ଖ) ଓଡ଼ିଶାର ପର୍ବପର୍ବାଣୀ

(ଗ) ଇଣ୍ଟରନେଟ୍‌ର ଆହ୍ୱାନ

(ଘ) ଶାରୀରିକ ଶିକ୍ଷ୍ୟା

13 ତୁମ ବିଦ୍ୟାଳୟରେ ଅନୁଷ୍ଠିତ 'ପୁରସ୍କାର ବିତରଣୀ ଉତ୍ସବ' ସଂପର୍କରେ ବଡ଼ଭାଇଙ୍କୁ ପତ୍ର ଲେଖ । 8

**କିମ୍ବା**

ତୁମ ଅଞ୍ଚଳରେ ଧାନଫସଲରେ ଲାଗିଥିବା ପୋକର ପ୍ରତିକାର ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ପତ୍ର ଲେଖ ।